# ବୈଜ୍ଞାନିକ ପ୍ରଣାଳୀରେ

# ଆଳୁ ଚାଷ




ଆଲେଖ୍ୟ:

ଡ. ସିଦ୍ଧାର୍ଥ କର, ବୈଜ୍ଞାନିକ (ଉଦ୍ୟାନ କୃଷି)

ତନ୍ମୟ କୁମାର ବେହେରା, କ୍ଷେତ୍ର ପ୍ରବନ୍ଧକ

ସଂପାଦନା:

ଡ. ଦେବୀପ୍ରସାଦ ଦାଶ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ପ୍ରଣାଳୀରେ ଆଳୁ ଚାଷ

ଆଲେଖ୍ୟ :
ଡ. ସିଦ୍ଧାର୍ଥ କର
ବୈଜ୍ଞାନିକ (ଉଦ୍ୟାନ କୃଷି)
ତନ୍ମୟ କୁମାର ବେହେରା
କ୍ଷେତ୍ର ପ୍ରବନ୍ଧକ

ସଂପାଦନା :
ଡ. ଦେବୀପ୍ରସାଦ ଦାଶ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବୈଜ୍ଞାନିକ ପ୍ରଣାଳୀରେ ଆଳୁ ଚାଷ

**ଆଲେଖ୍ୟ :**

**ଡ. ସିଦ୍ଧାର୍ଥ କର**

ବୈଜ୍ଞାନିକ (ଉଦ୍ୟାନ କୃଷି)

**ତନ୍ମୟ କୁମାର ବେହେରା**

କ୍ଷେତ୍ର ପ୍ରବନ୍ଧକ

**ସଂପାଦନା :**

**ଡ. ଦେବୀପ୍ରସାଦ ଦାଶ**

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ପ୍ରକାଶକ :**

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

**ପ୍ରଥମ ପ୍ରକାଶ :** ଡିସେମ୍ବର, ୨୦୨୪

**ମୁଦ୍ରଣ :**

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର

ଫୋନ୍ ୯୪୩୭୦୭୭୩୩୭

**By**

**Dr. Sidhartha Kar**

Scientist (Horticulture)

**Tanmaya Kumar Behera**

Farm Manager

**Editor**

**Dr. Debiprasad Dash**

Sr. Scientist and Head,
Krishi Vigyan Kendra,
Malkangiri

**Published by:**

Krishi Vigyan Kendra,
Malkangiri

**First Edition**:
December, 2024

**Printed at:**

Ankita Graphics, Bhubaneswar.
Cell : 9437077337
saroj77337@gmail.com



# ବୈଜ୍ଞାନିକ ପ୍ରଣାଳୀରେ ଆଳୁ ଚାଷ

ଆମ ଦେଶ ଭାରତରେ କୃଷିର ଆର୍ଥିକ ଅଭିବୃଦ୍ଧି ପାଇଁ ଆଳୁ ଚାଷ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଛଡ଼ା ଅନେକ ଦେଶରେ ଆଳୁ ଉତ୍ପାଦନ ପନିପରିବାଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳ ହୋଇପାରଛି। ଆମର ଦୈନନ୍ଦିନ ଖାଦ୍ୟରେ ଆଳୁର ଭୂମିକା ମୁଖ୍ୟ ହୋଇଥାଏ। ବର୍ତ୍ତମାନ ସମଗ୍ର ବିଶ୍ୱରେ ପାଖାପାଖି ୩୭୪,୭୭୭,୭୬୩ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ କରାଯାଉଛି। ଆମ ଦେଶ ଭାରତ ସମଗ୍ର ଆଳୁ ଉତ୍ପାଦନର ୧୫% ଉତ୍ପାଦନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଆମ ରାଜ୍ୟ ଓଡ଼ିଶା ବାର୍ଷିକ ୩ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଅମଳ କରିବା ସତ୍ତ୍ୱେ ବାର୍ଷିକ ୧୩ ଲକ୍ଷ ମେଟ୍ରିକ୍ ଟନ୍‌ର ଆବଶ୍ୟକତା ଅଛି। ଆମ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ଶୀତ ଋତୁରେ ଏହି ଚାଷ କରାଯାଇପାରିବ। ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଖାଦ୍ୟରେ ୩୦୦ ଗ୍ରାମ୍ ପନିପରିବା ଖାଇବା ଦରକାର, ସେଥିରୁ ୮୫ ଗ୍ରାମ୍ ଆଳୁ ଜାତୀୟ ପରିବା ରହିବା ଉଚିତ। ତେଣୁ ବୈଜ୍ଞାନିକ ପ୍ରଣାଳୀରେ ଆଳୁ ଚାଷ କରି ଆମ ରାଜ୍ୟର ଆଳୁ ଆବଶ୍ୟକତାକୁ ପୂରଣ କରିବା ସହିତ ଆଦିବାସୀ ଅଞ୍ଚଳର ପ୍ରତିଦିନ ଖାଦ୍ୟ ଆବଶ୍ୟକତାକୁ ପୂରଣ କରି ଚାଷୀମାନେ ଅଧିକ ଅର୍ଥ ଉପାର୍ଜନ କରିପାରିବେ।

ଖାଦ୍ୟରେ ଆଳୁର ବ୍ୟବହାର ଦ୍ୱାରା ଏଥିରେ ଥିବା ପୁଷ୍ଟିସାର, ସ୍ନେହ ସାର, ଶ୍ୱେତ ସାର ଏବଂ ତନ୍ତୁ ଜାତୀୟ ପଦାର୍ଥ ଆମମାନଙ୍କୁ ଅଧିକ ସମୟ ଶକ୍ତି ପ୍ରଦାନ କରିଥାଏ। ଏହା ଆମ ଶରୀରର ହୃଦ୍‌ରୋଗ, କୋଲେଷ୍ଟ୍ରୋଲ୍ ଏବଂ ଭିଟାମିନ୍ 'ସି', ପଟାସିୟମ୍ ଅଭାବ,

ଶିରାପ୍ରଶିରା ଦୁର୍ବଳତା ଲକ୍ଷଣରୁ ରକ୍ଷା କରି ମାଂସପେଶୀକୁ ସୁଦୃଢ଼ କରିଥାଏ।

ଆଳୁରୁ ପ୍ରସ୍ତୁତ ବ୍ୟଞ୍ଜନ ଯଥା ଭଜା, ତରକାରୀ, ଆଳୁ ଭର୍ତ୍ତା, ଚିପ୍ସ ଆଦି ଖାଦ୍ୟର ସ୍ୱାଦ ବଢ଼ାଇବା ସହିତ ଶକ୍ତି ପ୍ରଦାନ କରିଥାଏ। ଆମ ଦେଶର ଯୁବକମାନଙ୍କ ପାଇଁ ଆଳୁ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ପଦାର୍ଥ ଉଦ୍ୟୋଗ, ରୋଜଗାର ସହିତ ଅଧିକ ଲାଭ ପ୍ରଦାନ କରିପାରିବ।

## ମୃତ୍ତିକା ଓ ଜଳବାୟୁ:

ଆଳୁ ଚାଷ ପାଇଁ ହାଲୁକା, ଦୋରସା, ବାଲିଆ ଦୋରସା, ନିଗିଡ଼ା, ଉର୍ବର, ପଟୁ, ନିଗିଡ଼ା ମୃତ୍ତିକା ଯେଉଁଥିରେ ଅଧିକ ଜୈବିକ ଅଂଶ ଉପସ୍ଥିତ ଥିବ ତାହା ଉପଯୁକ୍ତ ହୋଇଥାଏ। ଆଳୁ ଚାଷ ପାଇଁ ମାଟିର ଅମ୍ଳତା ୫.୫ରୁ ୭.୦ ରହିବା ଦରକାର।

ସାଧାରଣତଃ ଆଳୁ ଚାଷ ପାଇଁ ଥଣ୍ଡା ଜଳବାୟୁ ଉପଯୁକ୍ତ ହୋଇଥାଏ। ୧୫ ଡିଗ୍ରୀରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ ଆଳୁ ଚାଷ ପାଇଁ ଉପଯୁକ୍ତ ହୋଇଥାଏ।

## କିସମ :


ଆଳୁ ଫସଲ ଚାଷ ପାଇଁ କିସମଗୁଡ଼ିକ ସହଳ ଓ ମଧ୍ୟମ କିସମରେ ବିଭାଗ କରାଯାଇଅଛି। ନିମ୍ନରେ ବିଭିନ୍ନ କିସମ ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରାଗଲା।




**କୁଫ୍ରି ଚନ୍ଦ୍ରମୁଖୀ:** ଏହାର ଫୁଲ ନାଲି ରଙ୍ଗ, ଆଳୁଗୁଡ଼ିକ ଲମ୍ୱାଳିଆ ଓ ଧଳା କ୍ରିମ୍ ରଙ୍ଗର। ଏହା ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖି ହୁଏ ଏବଂ ରାନ୍ଧିବା ପାଇଁ ସହଜ ଓ ସୁସ୍ୱାଦୁ। ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଉପଯୁକ୍ତ। ଅବଧି ୭୦ ରୁ ୮୦ ଦିନ ଏବଂ ହେକ୍ଟର ପ୍ରତି ୨୦୦ରୁ ୨୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



**କୁଫ୍ରି ଅଶୋକ:** ଏହାର ଫୁଲର ରଙ୍ଗ ବାଇଗଣୀ ଓ ଆଳୁଗୁଡ଼ିକ ଲମ୍ୱାଳିଆ ଓ ଧଳା ରଙ୍ଗର। ଏହା ରାନ୍ଧିବା ପାଇଁ ସହଜ ହୋଇଥାଏ। ଅବଧି ୭୦ ରୁ ୮୦ ଦିନ ଏବଂ ହେକ୍ଟର ପ୍ରତି ୨୫୦ରୁ ୩୦୦ କ୍ୱିଣ୍ଟାଲ ଅମଳ ଦେଇଥାଏ।




**କୁଫ୍ରି ଜୱାହର:** ଫୁଲର ରଙ୍ଗ ଧଳା। ଆଳୁଗୁଡ଼ିକର ଉପର ଓ ଭିତର ରଙ୍ଗ ଧଳା। ଆଳୁଗୁଡ଼ିକ ସାମାନ୍ୟ ଲମ୍ବାଳିଆ, ବିଳମ୍ବ ପତ୍ର ପୋଡ଼ା ରୋଗ, ଭାତୁଡ଼ି ରୋଗ ପ୍ରତିରୋଧକ ଶକ୍ତି ଅଛି। ଅନ୍ତଃଫସଲ ପାଇଁ ଏହା ଉପଯୁକ୍ତ। ଅବଧି ୭୦ ରୁ ୮୦ ଦିନ ଏବଂ ହେକ୍ଟର ପ୍ରତି ୨୫୦ରୁ ୩୦୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



**କୁଫ୍ରି ପୁଖରାଜ:** ଏହାର ଫୁଲର ରଙ୍ଗ ଧଳା। ଆଳୁର ଉପର ରଙ୍ଗ ଧଳା ଓ ଭିତର ରଙ୍ଗ ହଳଦିଆ। ଆଳୁଗୁଡ଼ିକ ସାମାନ୍ୟ ଲମ୍ବା ଆକୃତିର ହୋଇଥାଏ। ଅବଧି ୮୦ ରୁ ୯୦ ଦିନ ଏବଂ ହେକ୍ଟର ପ୍ରତି ୩୫୦ରୁ ୪୦୦ କ୍ୱିଣ୍ଟାଲ ଅମଳ ଦେଇଥାଏ।

**କୁଫ୍ରି ସୁର୍ଯ୍ୟ:** ଆଳୁର ଉପର ଅଂଶର ରଙ୍ଗ ଧଳା ଓ ଭିତର ରଙ୍ଗ ଘିଅ ପରି ହୋଇଥାଏ। କମ୍ ଥଣ୍ଡାରେ ଭଲ ଆଳୁ ଅମଳ ହୋଇଥାଏ। ଅବଧି ୯୦ ରୁ ୧୦୦ ଦିନ ଏବଂ ହେକ୍ଟର ପ୍ରତି ୩୦୦ରୁ ୩୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।




**କୁଫ୍ରି ଜ୍ୟୋତି:** ପୁରୁଣା କିସମ ହୋଇଥିବା ସତ୍ତ୍ୱେ ଅମଳ ପାଇଁ ଚାଷୀମାନଙ୍କ ମଧ୍ୟରେ ବିଶେଷ ଭାବେ ଆଦୃତ। ଏହାର ଫୁଲର ରଙ୍ଗ ଧଳା ଓ ଆଳୁର ଭିତର ଓ ବାହାର ରଙ୍ଗ ଧଳା ହୋଇଥାଏ। ଏହା ଉଭୟ ପାହାଡ଼ିଆ ଓ ସମତଳ ଅଞ୍ଚଳରେ ଭଲ ଭାବରେ ଚାଷ କରାଯାଇପାରେ। ଏହି କିସମଟିରେ ସହଳ ଓ ବିଳମ୍ବ ପତ୍ର ପୋଡ଼ା ରୋଗ ପ୍ରତିରୋଧକ ଶକ୍ତି ଅଛି। ଅବଧି ୯୦ ରୁ ୧୦୦ ଦିନ ଏବଂ ହେକ୍ଟର ପ୍ରତି ୨୫୦ରୁ ୩୦୦ କ୍ୱିଣ୍ଟାଲ ଅମଳ ଦେଇଥାଏ।

**କୁଫ୍ରି ଲାଲିମା:** ଫୁଲର ରଙ୍ଗ ନାଲି ବାଇଗଣୀ, ଆଳୁର ଉପର ଅଂଶ ଇସତ ନାଲି ଏବଂ ଭିତର ଭାଗଟି ଧଳା। ଏହା ସହଳ ପତ୍ର ପୋଡ଼ା ରୋଗ ସହଣୀ କିସମ। ରାନ୍ଧିଲା ବେଳେ ଆଳୁ ସିଝିବା ପାଇଁ ଅଧିକ ସମୟ ଲାଗିଥାଏ। ଅବଧି ୯୦ ରୁ ୧୦୦ ଦିନ ଏବଂ ହେକ୍ଟର ପ୍ରତି ୨୦୦ରୁ ୨୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।






**କୁଫ୍ରି ଅରୁଣ:** ଆଳୁଗୁଡ଼ିକ ନାଲି, ସାମାନ୍ୟ ଲମ୍ବାଳିଆ ଓ ଆଳୁ ଭିତର ରଙ୍ଗ ଧଳା। ଏହା ନିକଟରେ ବିଳମ୍ବ ପତ୍ର ପୋଡ଼ା ରୋଗ ପ୍ରତିରୋଧକ ଶକ୍ତି ଅଛି। ଅମଳ ପରେ କମ୍ ଦିନ ସାଇତି ରଖିହୁଏ। ଅବଧି ୯୦ ରୁ ୧୦୦ ଦିନ ଏବଂ ହେକ୍ଟର ପ୍ରତି ୩୦୦ରୁ ୩୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।




**କୁଫ୍ରି ବାଦଶାହ:** ଫୁଲର ରଙ୍ଗ ଧଳା, ଆଳୁ ଭିତର ଓ ବାହାର ରଙ୍ଗ ଧଳା। ଆଳୁଗୁଡ଼ିକର ଆକୃତି ଲମ୍ବାଳିଆ। ଏହା ନିକଟରେ ଉଭୟ ସହଳ ଓ ବିଳମ୍ବ ପତ୍ର ପୋଡ଼ା ରୋଗ ପ୍ରତିରୋଧକ ଶକ୍ତି ଅଛି। ଅବଧି ୧୦୦ ରୁ ୧୧୦ ଦିନ ଏବଂ ହେକ୍ଟର ପ୍ରତି ୩୦୦ରୁ ୩୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।


**କୁଫ୍ରି ସିନ୍ଦୁରି:** ଫୁଲ ଓ କାଣ୍ଡର ରଙ୍ଗ ନାଲି ହୋଇଥାଏ। ଆଳୁଗୁଡ଼ିକ ଗୋଲ ଏବଂ ନାଲି ହୋଇଥାଏ। ଆଳୁ ଭିତର ରଙ୍ଗ ଘିଅ ରଙ୍ଗର ହୋଇଥାଏ। ଏହା ଅଧିକ ଦିନ ସାଇତି ରଖିହୁଏ। ଏହା ସହଳ ପତ୍ର ପୋଡ଼ା ରୋଗ



ସହଣୀ କିସମ। ଅବଧି ୧୧୦ ରୁ ୧୨୦ ଦିନ ଏବଂ ହେକ୍ଟର ପ୍ରତି ୩୦୦ରୁ ୩୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



**କୁଫ୍ରି କିରଣ:** ଏହା ଗ୍ରୀଷ୍ମ ସହିଷ୍ଣୁ କିସମ। ଏହାର ଆଳୁର ରଙ୍ଗ ଘିଅ ରଙ୍ଗର। ଆଳୁଗୁଡ଼ିକ ଅନ୍ୟ କିସମ ଅପେକ୍ଷା ଅଧିକ ଅମଳ ହୋଇଥାଏ ଏବଂ ଅମଳ ପରେ ଅଧିକ ଦିନ ସାଇତି ରଖିହୁଏ। ଅବଧି ୯୦ ରୁ ୧୦୦ ଦିନ ଏବଂ ହେକ୍ଟର ପ୍ରତି ୩୫୦ରୁ ୪୦୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



**କୁଫ୍ରି ହିମାନି:** ଏହା ପାହାଡ଼ିଆ ଅଞ୍ଚଳ ଆଳୁ ଚାଷ ପାଇଁ ଉତ୍କୃଷ୍ଟ। ଆଳୁର ଉପର ରଙ୍ଗ ଈଷତ ହଳଦିଆ ଓ ଭିତର ଭାଗଟି ଧଳା। ଏହା ବିଳମ୍ବ ପତ୍ର ପୋଡ଼ା ରୋଗ ସହଣୀ କିସମ। ଅବଧି ୧୧୦ ରୁ ୧୨୦ ଦିନ ଏବଂ ହେକ୍ଟର ପ୍ରତି ୨୨୦ରୁ ୨୪୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



**କୁଫ୍ରି ଚିପ୍‌ସୋନା:** ଏହା ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଉପଯୁକ୍ତ। ଆଳୁଗୁଡ଼ିକ ଅଣ୍ଡାକୃତି ଏବଂ ଆଳୁ ଚୋପାର ରଙ୍ଗ ମାଟିଆ ଓ ଭିତର ଧଳା ଓ ସ୍ୱଚ୍ଛ। ଆଳୁ ଚିପ୍ସ ତିଆରି ପାଇଁ ଏହା ଉତ୍କୃଷ୍ଟ କିସମ। ଅବଧି ୧୦୦ ରୁ ୧୧୦ ଦିନ ଏବଂ ହେକ୍ଟର ପ୍ରତି ୩୦୦ରୁ ୩୫୦ କ୍ୱିଣ୍ଟାଲ ଅମଳ ଦେଇଥାଏ।



## ବିହନ ପରିମାଣ :

ଗୋଟା ବିହନ ଆଳୁର ଓଜନ ୨୦ ଗ୍ରାମ୍ ଓଜନ ସହିତ ୨ ରୁ ୩ଟି ଆଖି ଥିବା ଆଳୁ ବିହନ

ଭାବେ ବ୍ୟବହାର କରାଯାଏ। ଏକ ହେକ୍ଟର ଆଳୁ ଚାଷ ପାଇଁ ୧୫ ରୁ ୨୦ କ୍ୱିଣ୍ଟାଲ୍ ଆଳୁ ବିହନର ଆବଶ୍ୟକତା ପଡ଼ିଥାଏ।


ବର୍ତ୍ତମାନ ଏ.ଆର୍.ସି. (Apical Rooted cutting) ଯାହାକି ଆଳୁ ଚେରରୁ ପେଷି ପୋଷଣ ପଦ୍ଧତିରେ ଚାରା ଉତ୍ପନ୍ନ କରି ଲଗାଯାଇଥାଏ। ଏହା ଦ୍ୱାରା ଚାଷଜନିତ ଖର୍ଚ୍ଚ, ବିହନ ସ୍ଥାନାନ୍ତରଣ ପାଇଁ ହେଉଥିବା ଅସୁବିଧା, ବିହନ ନଷ୍ଟ ଓ ରୋଗାକ୍ରାନ୍ତ ଆଳୁ ବିହନ ଆଦି ଅସୁବିଧାଗୁଡ଼ିକ ଦୂର କରାଯିବାରେ ସକ୍ଷମ ହୋଇପାରୁଛି।

## ଜମି ପ୍ରସ୍ତୁତି :

ଆଳୁ ଚାଷ ପାଇଁ ଜମିକୁ ଭଲ ଭାବରେ ୭ ରୁ ୮ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରିବାର ଦରକାର, ଏହା ପରେ ମାଟିରେ ହେକ୍ଟର ପ୍ରତି ୨୫ କେ.ଜି. କ୍ଲୋର୍ ପାଇରିଫସ୍ ଗୁଣ୍ଡ ବା ୧୫୦ କେ.ଜି. ନିମ୍ବ ପିଡ଼ିଆ ପ୍ରୟୋଗ କରାଯାଏ, ଯାହା ଦ୍ୱାରା ଉଇ ବା ପିମ୍ପୁଡ଼ିର ପ୍ରଭାବ ଆଳୁରେ ପଡ଼ିନଥାଏ।



## ଆଳୁ ବିହନ ବିଶୋଧନ :



ଆଳୁ ବିହନକୁ ମ୍ୟାଙ୍କୋଜେବ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ୧୦ ମିନିଟ୍ ପର୍ଯ୍ୟନ୍ତ ବିହନଗୁଡ଼ିକୁ ବିଶୋଧନ କରି ଏହାକୁ ଛାଣି ଛାଇରେ ଶୁଖାଇ ଲଗାଯାଏ ବା କାର୍ବନ ଡାଇ ସଲଫାଇଡ୍ ୩୦ ଗ୍ରାମ୍ ପ୍ରତି ୧୦୦ କିଗ୍ରା ବିହନ ଉପରେ ର କରି ଲଗାଯାଇଥାଏ ବା ବୋରିକ୍ ଏସିଡ୍ ୩% ଦ୍ରବଣ ୨୦ ମିନିଟ୍ ପର୍ଯ୍ୟନ୍ତ ଆଳୁ ବିହନ ବିଶୋଧନ କରି ଲଗାଯାଇଥାଏ ।

## ଲଗାଇବା ସମୟ :

ଆଳୁ ଚାଷ ପାଇଁ ୧୮ ଡିଗ୍ରୀରୁ ୨୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ ଆବଶ୍ୟକ ପଡ଼ିଥାଏ । ଆଳୁ ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସଟି ଉପଯୁକ୍ତ । ଆମ ରାଜ୍ୟରେ ଚାଷୀ ଭାଇମାନେ ଦୀପାବଳି ଅମାବାସ୍ୟାରେ ଆଳୁ ଚାଷ କରିଥାନ୍ତି ।

## ଲଗାଇବା ପ୍ରଣାଳୀ:

ଆଳୁ ଚାଷ ପାଇଁ ୧.୫ ଫୁଟ ବ୍ୟବଧାନରେ ସିଆର କରାଯାଏ । ଏହି ସିଆରଗୁଡ଼ିକ ୫ ରୁ ୭ ସେଣ୍ଟିମିଟର ଗଭୀର ଓ ଚଉଡ଼ା ହେବା ଦରକାର ।




| ମଞ୍ଜି ଆଳୁର ଆକାର (ମି.ମି.) | ମଞ୍ଜି ଆଳୁ ଓଜନ (ଗ୍ରାମ୍) | ଲଗାଇବା ଦୂରତା (ସେ.ମି.) ଧାଡ଼ିକୁ ଧାଡ଼ି | ଗଛରୁ ଗଛ | ବିହନର ପରିମାଣ (କ୍ୱିଣ୍ଟାଲ୍/ହେକ୍ଟର) |
|---|---|---|---|---|
| ୨୫-୩୫ | ୧୫-୨୫ | ୪୫-୬୦ | ୧୫-୨୦ | ୧୫-୨୦ |
| ୩୫-୪୫ | ୨୫-୩୫ | ୬୦ | ୨୦ | ୨୦-୨୫ |
| ୪୫-୫୫ | ୩୫-୫୫ | ୬୦ | ୨୫ | ୨୫-୩୦ |

## ସାର ପ୍ରୟୋଗ:

ଆଳୁ ଚାଷ ପାଇଁ ୨୫ ରୁ ୩୦ ଟନ୍ ଗୋବର ଖତର ଆବଶ୍ୟକତା ପଡ଼ିଥାଏ। ଏହା ଛଡ଼ା ୧୨୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସଫରସ୍ ଏବଂ ୧୨୦ କେ.ଜି. ପଟାସ୍ ସାରର ଆବଶ୍ୟକତା ପଡ଼ିଥାଏ। ଏହା ଛଡ଼ା ଆଜୋସ୍ପିରିଲିୟମ୍ ଜୀବାଣୁ ସାର ୪ କେ.ଜି. ଖତ ସହିତ ମିଶାଇ ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ।

| ସାର | ଲଗାଇବା ସମୟରେ ହେକ୍ଟର ପ୍ରତି (କି.ଗ୍ରା.) | ଲଗାଇବାର ୨୦ ରୁ ୨୫ ଦିନରେ ହେକ୍ଟର ପ୍ରତି (କି.ଗ୍ରା.) | ଲଗାଇବାର ୪୦ ରୁ ୪୫ ଦିନରେ ହେକ୍ଟର ପ୍ରତି (କି.ଗ୍ରା.) |
|---|---|---|---|
| ଯବକ୍ଷାରଜାନ | ୬୦ | ୩୦ | ୩୦ |
| ଫସଫରସ୍ | ୪୦ | ୨୦ | - |
| ପଟାସିୟମ୍ | ୬୦ | ୬୦ | - |
| ବୋରନ୍ | ୧୦ | - | - |
| ମ୍ୟାଗ୍ନେସିୟମ୍ ସଲଫେଟ୍ | ୬୦ | - | - |

## ଅନ୍ତଃକର୍ଷଣ:



ଆଳୁ ଲଗାଇବା ପରେ ଛିଞ୍ଚା ପାଣି ଦେବା ଦରକାର। ଆଳୁ ଗଛ ବାହାରିବା ପରେ ମଡ଼ା ପାଣି ଦେବା ଦରକାର। ଆଳୁ ଚାଷରେ ହୁଡ଼ା ଟେକିବା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଲଗାଇବାର ୩ ସପ୍ତାହ ବା ଗଛର ଉଚ୍ଚତା ୧୦-୧୨ ସେ.ମି.

ହୋଇଥିବା ବେଳେ ପ୍ରଥମ ହୁଡ଼ା ଟେକା ଏବଂ ପ୍ରଥମ ହୁଡ଼ା ଟେକାର ୩ ସପ୍ତାହ ପରେ ବା ଗଛର ଉଚ୍ଚତା ୨୫ ରୁ ୩୦ ସେଣ୍ଟିମିଟର ହେଲା ପରେ ଦ୍ୱିତୀୟ ହୁଡ଼ା ଟେକାଯାଏ। ହୁଡ଼ା ଟେକା ସମୟରେ ଘାସ ବଛା ଓ ସାର ପ୍ରୟୋଗ କରାଯାଇଥାଏ।

## ଜଳସେଚନ:

ସାଧାରଣତଃ ଆଳୁ ଚାଷ ପାଇଁ ୭ ରୁ ୮ ଦିନ ବ୍ୟବଧାନରେ ସିଆରରେ ପାଣି ଦିଆଯାଇଥାଏ। ଆଳୁ ପାକଳ ହେବା ପର୍ଯ୍ୟନ୍ତ ଆଳୁ କିଆରୀକୁ ଆଦୌ ଶୁଖାଇବେ ନାହିଁ।



## ଅନ୍ତଃଫସଲ :

ଅଧିକ ଲାଭ ପାଇଁ ଆଳୁ ଫସଲ ସହିତ ଅନ୍ତଃଫସଲ ବା ଅନ୍ୟ ଫସଲ ସହିତ ଆଳୁ ଚାଷ କରାଯାଇଥାଏ।

(୧) ଆଳୁ + ବୁଦା ଝୁଡ଼ୁଙ୍ଗ

(୨) ଆଳୁ + ବୁଦା ବିନ୍ସ

(୩) ଆଳୁ + ମୂଳା

(୪) ଆଳୁ + ଶାଗ





(୫) ମକା + ଆଳୁ

(୬) ଆମ୍ବ + ଆଳୁ

(୭) ଲିଚୁ + ଆଳୁ

(୮) ଆଳୁ + ଧନିଆ

(୯) ଆଳୁ + ସୋରିଷ ଶାଗ

(୧୦) ଆଳୁ + ରାଜ୍ମା/ ହରଡ଼

**ଅମଳ:**

ହେକ୍ଟର ପ୍ରତି ୨୨୦ ରୁ ୨୭୫ କ୍ୱିଣ୍ଟାଲ୍ ଆଳୁ ଅମଳ କରାଯାଇପାରେ।

**ଆଳୁ ଚାଷର ଲାଭ/କ୍ଷତି:**

ଚାଷଜନିତ ଖର୍ଚ୍ଚ (ହେକ୍ଟର) : ଟ. ୮୫,୦୦୦/-

ଚାଷଜନିତ ଲାଭ (ହେକ୍ଟର) : ଟ.୨,୨୦,୦୦୦/-

ଚାଷଜନିତ ମୋଟ ଲାଭ (ହେକ୍ଟର): ଟ.୧,୩୫,୦୦୦/-

















Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337

2024120396

OUAT Publication
No. 2024120396